text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# ଜିହେଜା ଦିଗାଲ୍‌ର ପ୍ରଥମ ଏବଂ ଶେଷ ଖେଳନା

କନ୍ଧମାଳରେ ଏସ୍‌ଓଜି ଯବାନ୍‌ଙ୍କ ଗୁଳିମାଡ଼ରେ ପାଞ୍ଚଜଣ ନିରୀହ ଆଦିବାସୀ ଟଳି ପଡ଼ିଛନ୍ତି। ସେମାନଙ୍କ ଭିତରୁ ଜଣେ ୧୩ ମାସର ଶିଶୁ। ସରକାରଙ୍କ ତରଫରୁ ପ୍ରଥମେ କୁହାଯାଉଥିଲା ଯେ ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବା ବେଳେ ବାଲିଗୁଡ଼ାରୁ ଫେରୁଥିବା ଅଟୋରିକ୍ସା ହଠାତ୍ ସେଇ ବାଟଦେଇ ଯିବାରୁ ଏମିତି ଦୁର୍ଘଟଣା ଘଟିଲା, ଯାହା ଦୁର୍ଭାଗ୍ୟପୂର୍ଣ୍ଣ। ତେବେ ଆହତ ହୋଇଥିବା ଅନ୍ୟମାନଙ୍କ ବିବରଣୀରୁ ଏବେ ସ୍ୱଷ୍ଟ ହୋଇଛି, ଗୁଳିମାଡ଼ ଗୋଟିଏ ପଟରୁ ହୋଇଥିଲା ଯେଉଁ ପାଖରେ କେବଳ ଯବାନ୍‌ମାନେ ପୋଜିସନ୍‌ରେ ଥିଲେ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି, ସେଇ ସମୟରେ ସେ ଅଞ୍ଚଳରେ ମାଓବାଦୀମାନଙ୍କ ପତ୍ତା ନଥିଲା। ପୁଣି ଏମିତି ଏକ ମୁକାବିଲା ବେଳେ ବିଧି-ମୁତାବକ ସମ୍ପୃକ୍ତ ଅଞ୍ଚଳ/ରାସ୍ତା ସିଲ୍ ହୋଇନଥିଲା। ଗୁଇନ୍ଦା ସୂଚନା ମଧ୍ୟ ସମ୍ପୂର୍ଣ୍ଣ ତଥା ଠିକ୍ ନଥିଲା। ଅନ୍ୟ ଅର୍ଥରେ, ମାଓବାଦୀ ମନେକରି ସୁରକ୍ଷା ବାହିନୀ ଗୁଳିବର୍ଷା କରିଥିଲେ ଅଟୋ ଉପରକୁ। ଉଭୟ ସରକାରୀ ଓ ବେସରକାରୀ ସୂତ୍ରରୁ ଏକଥା ସ୍ୱଷ୍ଟ ହୋଇଯାଇଛି, ମୃତକମାନଙ୍କର ମାଓବାଦୀ କାର୍ଯ୍ୟକଳାପ ସହିତ ସାମାନ୍ୟତମ ସଂପୃକ୍ତି ନଥିଲା। ରାଜନୈତିକ କାରଣରୁ ବିରୋଧୀ ଏହାକୁ ଥଣ୍ଡା ମିଜାଜ୍‌ରେ କରାଯାଇଥିବା 'ନରହତ୍ୟା' ବୋଲି ଆକ୍ଷେପ କରୁଛନ୍ତି; ମିଛ ଏନ୍‌କାଉଣ୍ଟର ବୋଲି ଅଭିହିତ କରୁଛନ୍ତି; ଆଦିବାସୀଙ୍କ ଉପରେ ସରକାରଙ୍କ ଜୁଲମ ବୋଲି କହୁଛନ୍ତି। ଏଇ ପରିପ୍ରେକ୍ଷୀରେ କନ୍ଧମାଳ ବନ୍ଦ ସଫଳ ହୋଇଛି। ସି.ଆର୍.ପି.ଏଫ୍.କୁ ତୁରନ୍ତ ପ୍ରତ୍ୟାହାର କରାଯାଉ, କ୍ଷତିଗ୍ରସ୍ତ ପରିବାରଙ୍କୁ ଅଧିକ କ୍ଷତିପୂରଣ ମିଳୁ ଏବଂ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଉ ବୋଲି ଦାବି ହେଉଛି। ରାଜ୍ୟ ସରକାର ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଘଟଣାର ନ୍ୟାୟିକ ତଦନ୍ତ ସହିତ ରାଜ୍ୟ ମାନବାଧିକାର ସେଲ୍ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆ ସରିଛି।

ତେବେ ପରିସ୍ଥିତିରେ ସୁଧାର ଆସିନାହିଁ। ଯାହା ଅନେକଙ୍କୁ ବିସ୍ମିତ କରିଛି, ତାହା ହେଉଛି-ପୁଲିସର ଖାମଖିଆଲ ରଣନୀତି (ଆପଣ ହୁଗୁଳା କହିପାରନ୍ତି) ଯାହା ମାଓବାଦୀ ଦମନ ନାଁରେ ମାନବାଧିକାରର ଉଲ୍ଲଙ୍ଘନ କରୁଛି।

ପାଠକମାନଙ୍କ ନିମନ୍ତେ ସ୍ପଷ୍ଟ କରୁଛି ଯେ ମାଓବାଦୀ ମୁକାବିଲାରେ ରାଜ୍ୟରେ ଆଗରୁ ବି ନିରୀହ ଲୋକଙ୍କ ଜୀବନ ଯାଇଛି। ଖବରକାଗଜରେ ପ୍ରକାଶ ପାଇଛି, ୨୦୦୬ ମେ' ୨୮ରେ ରାୟଗଡ଼ାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ନିରୀହ ଆଦିବାସୀ ପ୍ରାଣ ହରାଇ ଥିଲେ। ୨୦୦୮ ନଭେମ୍ବର ୨୨ରେ ଦୁଇଜଣ ସାଧାରଣ ଲୋକ ସି.ଆର୍.ପି.ଏଫ୍. ଯବାନ୍‌ଙ୍କ ଗୁଳିମାଡ଼ର ଶିକାର ହୋଇଥିଲେ। ୨୦୧୦ ମାର୍ଚ୍ଚରେ କଳିଙ୍ଗନଗର ଏବଂ ରାୟଗଡ଼ାରେ ହୋଇଥିବା ଅପରେସନ୍‌ରେ ୧୩ଜଣ ସାଧାରଣ ଲୋକ ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲା। ୨୦୧୧ ଜାନୁଆରୀ ୨୭ରେ କେନ୍ଦୁଝରରେ ଜଣେ ଝିଅ ପୁଲିସ ଗୁଳିର ଶିକାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ୨୦୧୨ ନଭେମ୍ବର ୧୪ରେ ଗଜପତି ଜିଲ୍ଲାରେ (ମୋହନାର ଭାଲିଆଗୁଡ଼ା) ମାଓବାଦୀ-ପୁଲିସ ଏନ୍‌କାଉଣ୍ଟରରେ ୫ ଜଣ ନିରୀହ ଲୋକଙ୍କ ମୁଣ୍ଡ ଗଡ଼ିଥିଲା। ୨୦୧୫ ଜୁଲାଇ ୨୬ରେ କନ୍ଧମାଳର କୋଟଗଡ଼ଠାରେ ଘଟିଥିଲା ଏକ ଅଭାବନୀୟ ଘଟଣା। ଧବଳେଶ୍ୱର ନାୟକ ଏବଂ ତାଙ୍କ ପତ୍ନୀ ଭୁବୁଡ଼ି କେରଳରେ ଥିବା ସେମାନଙ୍କ ପୁଅ ସହିତ କଥା ହେବାପାଇଁ ପାହାଡ଼ ମୁଣ୍ଡିଆ ଉପରେ ଚଢ଼ି ଫୋନ୍ କଲାବେଳେ (ତଳେ ସିଗ୍‌ନାଲ୍ ନଥିଲା) ସୁରକ୍ଷା କର୍ମୀଙ୍କ ଗୁଳିର ଶିକାର ହୋଇଥିଲେ। ପୁଅ ରାହୁଲ ନାୟକ ଏ ସଂକ୍ରାନ୍ତରେ ଦେଇଥିବା ବୟାନ ମର୍ମସ୍ପର୍ଶୀ ଥିଲା। ସେ କହିଥିଲେ, 'ମୋ ମା'ର ଚିତ୍କାର ଏବଂ ବିକଳ କାନ୍ଦଣା ଫୋନ୍‌ରେ ସ୍ପଷ୍ଟ ଶୁଭୁଥିଲା। ମୋତେ ଲାଗୁଥିଲା, କେହି ଯେମିତି ମା'ର ବଳାତ୍କାର ପାଇଁ ଚେଷ୍ଟା କରୁଛି... ବାପାଙ୍କ ଶେଷ ଧାଡ଼ିକ ଥିଲା- 'ପୁଅ, ମୁଁ ମରିବାକୁ ଯାଉଛି।' ୨୦୧୬ ରେ ଏବର କନ୍ଧମାଳ (ଗୁମୁଡୁମାହା ଗାଁ, ପରମ୍‌ପଙ୍ଗା ପଞ୍ଚାୟତ) ଦୁର୍ଘଟଣାକୁ ମିଶାଇ ୧୨ ଜଣ ପ୍ରାଣ ହରାଇ ଥିବା ଅଭିଯୋଗ ଆଣିଛନ୍ତି ଜଣେ ମାନବାଧିକାର କର୍ମୀ। ଏଇ ବର୍ଷ ଫେବୃଆରୀ ୨୭ ତାରିଖରେ ନିୟମଗିରିଠାରେ ଜଣେ ଡଙ୍ଗରିଆ କନ୍ଧ ଯୁବକଙ୍କୁ ପୁଲିସ ମାଓବାଦୀ ଭାବି ଗୁଳି କରିଥିଲା। ପ୍ରକାଶ ପାଇଛି ଯେ ୨୦୧୦ ରୁ ୨୦୧୬ ମଧ୍ୟରେ ମାଓବାଦୀ ଦମନ ନାଁରେ ରାଜ୍ୟରେ ଅନ୍ତତଃ ୧୦୦ ଜଣ ନିରୀହ ଲୋକ ମରିଛନ୍ତି। ଏଣେ ସାଉଥ୍ ଏସିଆ ଟେରରିଜମ୍ ପୋର୍ଟାଲ ସୂତ୍ର ମୁତାବକ ସାରା ଦେଶରେ ନକ୍ସଲଙ୍କ ସହିତ ଲଢ଼େଇରେ ସର୍ବାଧିକ କ୍ଷତି ସହିଛନ୍ତି ସାଧାରଣ

ନାଗରିକ- ଏହା ମାଓବାଦୀଙ୍କ ଆକ୍ରମଣ ହେଉ ବା ସୁରକ୍ଷା କର୍ମୀଙ୍କ ସହିତ ଏନକାଉଣ୍ଟର। ୨୦୦୫ ରୁ ୨୦୧୬ (ଜୁଲାଇ ୩) ପର୍ଯ୍ୟନ୍ତ ୨୮୯୫ ସାଧାରଣ ନାଗରିକ ପ୍ରାଣ ହରାଇ ଥିବାବେଳେ ସେଇ ସମୟ ଭିତରେ ୨୩୯୧ ମାଓବାଦୀ ଏବଂ ୧୮୨୩ ସୁରକ୍ଷା କର୍ମୀଙ୍କ ଜୀବନ ଯାଇଛି। ତଥ୍ୟ ଅନୁସାରେ ୨୦୦୫ରୁ ୨୦୧୬ (ଜୁଲାଇ ୩) ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରାଣ ହରାଇଛନ୍ତି ୨୯୬ ଜଣ ସାଧାରଣ ନାଗରିକ, ୧୮୮ ମାଓବାଦୀ ଏବଂ ୧୮୫ ସୁରକ୍ଷା କର୍ମୀ/ ଯବାନ୍। ଏପ୍ରିଲ୍, ୨୦୧୫ରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଉତ୍ତରପ୍ରଦେଶରେ ମାଓବାଦୀ କାର୍ଯ୍ୟକଳାପ ଲାଗି ରହିଛି। ତେବେ ସର୍ବାଧିକ ପ୍ରଭାବିତ ରାଜ୍ୟମାନଙ୍କ ମଧ୍ୟରେ ଅଛନ୍ତି ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ବିହାର। ବାମପନ୍ଥୀ ସନ୍ତ୍ରାସର ମୁକାବିଲା ପାଇଁ ନିଯୁକ୍ତ ପ୍ରାୟ ୧,୭୦,୦୦୦ ସୁରକ୍ଷା କର୍ମୀ। ସରକାରୀ ରିପୋର୍ଟ ଅନୁସାରେ ଦେଶର ୧୦ଟି ରାଜ୍ୟର ୭୬ ଟି ଜିଲ୍ଲାରେ ନକ୍ସଲ ଗତିବିଧି ଜାରି ରହିଛି। ଏଇ ସମୟ ଭିତରେ ପ୍ରାଣ ହରାଇଛନ୍ତି (ସାରା ଦେଶରେ) ୨୧୯୩ ନକ୍ସଲ, ୧୭୫୩ ଯବାନ୍ ଏବଂ ୨୭୫୭ ସାଧାରଣ ନାଗରିକ।

ପାଠକେ, ପର୍ଯ୍ୟବେକ୍ଷକମାନଙ୍କ ମତ ଯେ ରାଷ୍ଟ୍ର ନକ୍ସଲଙ୍କ ବିରୋଧରେ ଲଢୁଥିବା ଏ ଯୁଦ୍ଧ ମହଙ୍ଗା ପଡ଼ିଲାଣି। ସନ୍ତ୍ରାସର ମୂଳୋତ୍ପାଟନ ତ ଦୂରର କଥା, ଏଯାଏଁ ଇପ୍ସିତ ନିୟନ୍ତ୍ରଣ ମଧ୍ୟ ସମ୍ଭବ ହୋଇନାହିଁ। ଯା ମୂଳରେ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର/ଦ୍ରୋହ, ଦେଶରେ ଅସ୍ଥିରତା ଉତ୍ପନ୍ନ କରିବା ପାଇଁ ବିଦେଶୀ ଶକ୍ତିଙ୍କ ପ୍ରଚ୍ଛନ୍ନ ହାତ ଯେତିକି ନାହିଁ, ସେତିକି ରହିଛି ବ୍ୟବସ୍ଥା ବିରୁଦ୍ଧରେ ଅସନ୍ତୋଷ/କ୍ରୋଧ। 'ଆଖି ବଦଳରେ ଆଖି' ଆମ ପାଇଁ ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି କରିଛି। ନିକଟରେ ସୁପ୍ରିମକୋର୍ଟ ମଣିପୁରରେ ୩୫ ବର୍ଷ ଧରି ଲାଗୁ ହୋଇଥିବା ଏ.ଏଫ୍.ଏସ୍.ପି.ଏ (ସାମରିକ ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ୍) ବାବଦରେ ଶୁଣାଣି ସମୟରେ ପ୍ରଶ୍ନ ପଚାରିଛନ୍ତି ଯେ ଆଇନ୍ ଶୃଙ୍ଖଳା ନାଁରେ ଏଇ ଆଇନ୍‌କୁ ଆଉ କେତେବର୍ଷ ବଳବତ୍ତର ରଖାଯିବ? କୋର୍ଟ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଆଇନ୍ ସ୍ଥାନୀୟ ପ୍ରଶାସନକୁ ସାମୟିକ ଭାବେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଥିଲା (ସେପ୍ଟେମ୍ବର ୮, ୧୯୮୦), ତାହା ଏକ ସ୍ଥାୟୀ ବ୍ୟବସ୍ଥାର ରୂପ ନେଇ ସାରିଛି। ଯା ଭିତରେ ମଣିପୁରରେ ଅନ୍ତତଃ ଦୁଇଟି ପିଢ଼ି ସାମରିକ ବାହିନୀର ଛାଇରେ ଜିଇଁ ସାରିଲେଣି। ୩୫ ବର୍ଷ ଭିତରେ କ'ଣ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସତରେ ସୁଧୁରି ନାହିଁ? ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ସୁପ୍ରିମକୋର୍ଟ ଜଣେ

ଅବସରପ୍ରାପ୍ତ ବିଚାରପତିଙ୍କୁ ମଣିପୁରରେ ଘଟିଥିବା ଅନ୍ୟୁନ ୧୫୦୦ ଅପମୃତ୍ୟୁ ଅଭିଯୋଗର ତଦନ୍ତ ଦାୟିତ୍ୱ ଦେଇଛନ୍ତି, ଯେଉଁସବୁ କ୍ଷେତ୍ରରେ ମୃତ୍ୟୁ ସାମରିକ ବାହିନୀର ବେଆଇନ୍ କାର୍ଯ୍ୟାନୁଷ୍ଠାନ ଯୋଗୁଁ ହୋଇଛି ବୋଲି କୁହାଯାଉଛି । ଶୁଣାଣି ସମୟରେ ସରକାରୀ ଓକିଲଙ୍କୁ କୋର୍ଟ ସେଦିନ ପଚାରିଥିଲେ, ସୁରକ୍ଷା ବଳଙ୍କ ପାଇଁ ସ୍ୱତନ୍ତ୍ର କ୍ଷମତା ଆଇନ୍ କ'ଣ ମଣିପୁରରେ 'ଚିରନ୍ତନ' ହୋଇ ରହିବ ? ପାଠକମାନେ ଶର୍ମିଳା ଇରମ୍‌ଙ୍କ କଥା ଜାଣନ୍ତି, ଯିଏ ଏଇ ଆଇନ୍ ଉଚ୍ଛେଦ ଦାବି କରି ଦୀର୍ଘ ୧୬ବର୍ଷ ଧରି ଅନଶନରେ ଅଛନ୍ତି ଏବଂ ତାଙ୍କୁ ନାକବାଟେ ନଳୀରେ ଖାଦ୍ୟ ଦିଆଯାଉଛି । ଜମ୍ମୁ ଓ କାଶ୍ମୀରରେ ସେନାଙ୍କୁ ସୁରକ୍ଷା ଦେବାପାଇଁ ଲାଗୁ ହୋଇଥିବା ସ୍ୱତନ୍ତ୍ର ଆଇନ୍ ୨୬ ବର୍ଷ ପୂରଣ କରିସାରିଛି । କାଶ୍ମୀର ପ୍ରସଙ୍ଗ ଉଠିଲେ ପାକିସ୍ତାନ କଥା ଆମର ମନେପଡ଼େ ଏବଂ ସମୁଦାୟ ପ୍ରସଙ୍ଗ ସ୍ପର୍ଶକାତର ପାଲଟିଯାଏ । ତେବେ ଆମେ ଭୁଲିଯିବା ଉଚିତ ନୁହେଁ ଯେ ସୁରକ୍ଷା/ ନିରାପତ୍ତା ନାଁରେ ସେନାବାହିନୀ କାଶ୍ମୀରରେ ଆତଙ୍କ ଭିଆଉଛି ବୋଲି ଆନ୍ତର୍ଜାତିକ ମାନବାଧିକାର ସଂଗଠନ ଆମ୍‌ନେଷ୍ଟିର ମତ । ଏ ପ୍ରବନ୍ଧ ଲେଖାହେବା ବେଳକୁ କାଶ୍ମୀର ଅଶାନ୍ତ ରହିଛି ଏବଂ ସେନାବାହିନୀ ଓ ପୁଲିସ ଉଗ୍ରବାଦୀ ଏନ୍‌କାଉଣ୍ଟର ନାଁରେ ସୀମା ଅତିକ୍ରମ କରିଛି ବୋଲି ଅଭିଯୋଗ ହୋଇଛି । କେବଳ ମାନବାଧିକାର ସଂଗଠନ ନୁହନ୍ତି, ଭାରତରେ ସାଧାରଣ ନାଗରିକର ମତ ଯେ ସୁରକ୍ଷା ନାଁରେ ରାଷ୍ଟ୍ର ସନ୍ତ୍ରାସର ବାତାବରଣ ସୃଷ୍ଟି ନକରୁ ।

ପୁଣି ଫେରୁଛି କନ୍ଧମାଳକୁ । ଜୁଲାଇ, ୨୦୧୫ ରେ କୋଟଗଡ଼ରେ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇ ଥିବା ଭୁବୁଡ଼ି ନାୟକଙ୍କ ଶବକୁ ପୋଷ୍ଟମର୍ଟମ୍ ପରେ ପୁଲିସ୍ ବହୁ କଷ୍ଟରେ ପରିବାରକୁ ହସ୍ତାନ୍ତର କରିଥିଲା । ଖବରକାଗଜ ସମ୍ବାଦ ଅନୁଯାୟୀ ସୁରକ୍ଷା କର୍ମୀ ଭୁବୁଡ଼ିର ଚୁଟିକୁ କାଟି ଛୋଟ କରି ଦେଇଥିଲେ, ଯାହା ପ୍ରମାଣ କରିବ ସେ ମାଓବାଦୀ କ୍ୟାଡର ବୋଲି । ଆଉ ନିକଟରେ ଏସ୍.ଓ.ଜି. ଗୁଳିରେ ଟଳି ପଡ଼ିଥିବା ୧୩ ମାସର ଶିଶୁ ଜିହେଜା ଦିଗାଲ୍ ପାଇଁ ନରେଗା ପ୍ରାପ୍ୟ ପାଇବା ପରେ ତା' ବାପା ମା' ସେଦିନ କିଣି ଦେଇଥିଲେ ପ୍ଲାଷ୍ଟିକ୍‌ର ଖେଳନାଟିଏ । ତେବେ ଦୁର୍ଭାଗ୍ୟ, ନିଜର ପ୍ରଥମ ଓ ଶେଷ ଖେଳନା ସହିତ ପିଲାଟି ଖେଳିବାର ସୁଯୋଗ ପାଇ ନଥିଲା ।

(ନିତିଦିନ, ତା ୧୬/୭/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍‌ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟ୍‌ସ୍'

**ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା**

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ ପାହାଡ ତଳର ଏକ ଗାଁ, ବୋଆ ସିନିଅର୍‌ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଡେଣା

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-908070-1-2
978-81-908070-1-2

NONFICTION

ରଚନା
₹-୧୫୦